# Akashvani, Sambalpur

## SAMBALPURI NEWS EVENING BULLETIN

## 28 June 2025- 7.02 pm- 7.12 pm.

*********************************************

୧- ଶ୍ରୀକ୍ଷେତ୍ର ପୁରୀ ଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ରଥ ଉପ୍‌ରେ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ଜମୁଛେ ଜବର୍ ଭିଡ୍ ।

- ଆଏବା କାଏଲ୍ ଆଡ଼ପ ମଣ୍ଡପକେ ବିଜେ କର୍‌ବେ ଚତୁର୍ଦ୍ଧାମୂର୍ତି ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ସମ୍ବଲ୍‌ପୁର୍‌କେ ସବୁଜ ସହର୍ କର୍‌ବାର୍ ଲକ୍ଷ୍ୟ ନେଇକରି 'ଏକ୍ ପେଡ୍ ମା କେ ନାମ୍ ଟୁ ପଏଂଟ୍ ଓ' କେ ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜାରି ରହିଛେ ବର୍ଷା ।

ରଥଯାତ୍ରା        ପୁରୀ ସମ୍ବାଦଦାତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ବଡ଼ଦାଣ୍ଡ ନ ଶ୍ରଦ୍ଧାଳୁମାନକର୍ ଜବର୍ ଭିଡ଼୍ ଦେଖ୍‌ବାର୍‌କେ ମିଳିଛେ । ଭକ୍ତ ଆଉ ଭଗବାନ୍‌ଙ୍କର୍ ଅପୂର୍ବ ମିଳନ୍‌ଥି ଶ୍ରୀକ୍ଷେତ୍ର ନ ଗୁଟେ ଅଲ୍‌ଗା ରକ୍‌ମର୍ ଭକ୍ତିମୟ ପରିବେଶ୍ ସୃଷ୍ଟି ହେଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ହିସାବେ ସଖାଲର୍ ସାଢ଼େ ୯ ବଜେ ବଡ଼ଦାଣ୍ଡର ଭିନ୍ ଭିନ୍ ଜାଗା ନ ଅଟ୍‌କି ରହିଥିବା ତିନ୍‌ହି ରଥକେ ଘିଚା ହେଇଥିଲା । ଶ୍ରୀଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ତିନ୍‌ହି ରଥ ପୁହୁଁଚିଲା ଉତ୍‌ରୁ ରଥ ନ ଥିବା ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଜମୁଛେ । ଇ ବାବ୍‌ଦେ ଶୁନୁନ୍ ଗୁଟେ ଖାସ୍ ରିପୋର୍ଟ...

(ଭଏସ୍ ଓଭର୍)

*ଶ୍ରୀଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ତିନ୍‌ହି ରଥ ତାଳଧ୍ୱଜ, ଦର୍ପଦଳନ ଆଉ ନନ୍ଦିଘୋଷ ପୁହୁଁଚି ସାରିଛେ । ପୁରୀ ବଡ଼ଦାଣ୍ଡ ନଆଏଜ୍ ସଖାଲର୍ ସାଢ଼େ ୯ ବଜେ ମାହାପୁରୁମାନ୍‌କର୍ ରଥଘିଚା ମୁଳ୍ ହେଇଥିଲା । ପ୍ରଭୁ ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ବଳଗଣ୍ଡି ଛକନୁ, ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ମାର୍କେଟଛକ୍‌ନୁ ବାହାରିକରି ଗୁଣ୍ଡିଚା ମନ୍ଦିର୍ ନ ପୁହୁଁଚିଥିଲା । ସେଆଡ଼େ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ବଡ଼ଦାଣ୍ଡ ନ ଲାଖ୍ ଲାଖ୍ ଭକ୍ତମାନ୍‌କର୍ ଭିଡ୍‌ରେ ଶରଧା ବାଲି ନ*

*ପୁହୁଁଚିସାରିଛେ । ପରମ୍ପରା ଅନୁସାରେ ରଥ ଉପରେ ଆଏଜ୍ ସଖାଲେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ମଙ୍ଗଳଆଲ୍ତୀ ନୀତି କରାଯାଇଥିଲା । ତାର୍ ଉତ୍ରୁ ଅବକାଶ ପୂଜା କରାଯାଇକରି ରଥ୍ ଘିଚା ମୁଲ୍ ହେଇଥିଲା । ଆଏବା କାଏଲ୍ ଗୁଣ୍ଡିଚା ମନ୍ଦିର୍ର ଆଡ଼ପ ମଣ୍ଡପ୍କେ ଚତୁର୍ଦ୍ଧାମୂର୍ତ୍ତି ବିଜେ କର୍ବାର୍ ନୀତି ହେବା । ପୁରୀ ବଡ଼ଦାଣ୍ଡ ନ ଆଏଜ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ପ୍ରମୁଖ ମାହାପୁରୁଙ୍କର୍ ରଥ ଘିଚିଛନ୍ । ଶରଧାବାଲି ନ ରଥେ ବସିଥିବା ମାହାପୁରୁମାନ୍କୁ ଦେଖିକରି ଭକ୍ତି, ପ୍ରୀତି ଆଉ ମୋକ୍ଷ ନେଇକରି ଭକ୍ତମାନେ ବିଭୋର୍ ହେଇପଡୁଛନ୍ । ଆକାଶ୍ବାଣୀ ସମ୍ବାଦ ବିଭାଗ୍ ତର୍ଫୁ ମୁଇଁ ସୁପ୍ରିତୀ ମିଶ୍ର ।*

## ବାହାର ରତ୍ନଭଣ୍ଡାର ମରାମତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ବାହାର ରତ୍ନଭଣ୍ଡାର ମରାମତି କାମ୍ ଆଏଜ୍ଠାନୁ ଫେର୍ଘାଏ ମୁଲ୍ ହେଇଛେ । ରଥଯାତ୍ରା ସମିଆଥି ୮ ଦିନ୍ ଭିତ୍ରେ ମରାମତି କାମ୍ ଶେଷ୍ କର୍ବାର୍ ଲାଗି ଯୋଜ୍ନା ତିଆର୍ କରାଯାଇଥିବାର୍ ଜନାପଡ଼ିଛେ । ଇ ସମିଆଥି ପାଖାପାଖି ୯୦ ଟା ପଥର୍ ବଦ୍ଲାଯାଇକରି ନୂଆଁ ପଥର୍ ଲଗାଯିବା । ମାହାପୁରୁମାନେ ଶ୍ରୀମନ୍ଦିର୍କେ ଫିର୍ବାର୍ ଉତ୍ରୁ ମରାମତି କାମ୍ ଶେଷ୍ କର୍ବାର୍ ଲାଗି

ବିଶେଷଜ୍ଞମାନ୍‌କୁ ନେଇକରି ତିଆର୍ ହେଇଥିବା ଦଲ୍ ଦିନ୍‌କ ୨ ଟା ଖେପେ କାମ୍ କର୍‌ବେ । ସେଆଡ଼େ ବାହାର ରତ୍ନଭଣ୍ଡାର କବାଟ୍‌କେ ବର୍ମାଟିକ୍ କାଠ୍ ବେଭାର୍ କରିକରି ସୁନା ଛାଉଣୀ କରାଯିବାର୍ ଲାଗି ଯୋଜ୍‌ନା କରାଯାଇଥିବାର୍ ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ବିଭାଗ୍ ଭିତ୍‌ରେ ଆଲୋଚନା ହେଇଥିବାର୍ ସୂଚ୍‌ନା ମିଳିଛେ ।

ରଥଯାତ୍ରା- ଜିରୋ କାଜୁଆଲ୍‌ଟି I&PR

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମିଆଥି ସାମୂହିକ୍ ଚେରେଷ୍ଟା ବଲେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ସ୍ୱାସ୍ଥ୍ୟଜନିତ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ୍ କରିଛେ । ଇଥିର୍‌ଲାଗି ସବୁ ଅଧିକାରୀ, କର୍ମଚାରୀ ଆଉ ସ୍ୱେଚ୍ଛାସେବୀ ମାନ୍‌କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଧନ୍ୟବାଦ ଜନେଇଛନ୍ । ରଥଯାତ୍ରା ସମିଆଥି ସମନ୍ୱିତ ଆଉ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ପଦକ୍ଷେପ୍ ମାନ୍ ନିଆଯାଇଛେ । ରଥଯାତ୍ରା ସମିଆଥି ସବୁ ପ୍ରକାର୍ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚ୍‌ନା ଲାଗି ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଭିଲ୍ କାମ୍ କରୁଛେ । ଅଏତ୍‌କା ସାହାଜ୍ ଦେବାର୍ ଲାଗି ପହେଲାଥର୍ ଲାଗି ଏମ୍ସ ଭୁବ୍‌ନେଶ୍ୱର୍

ତରଫ୍ରୁ ଚିକିତ୍ସା କେନ୍ଦ୍ର ନ ଗୁଟେ ଖାସ୍ ଡାକ୍ତରୀ ଟିମ୍ ଭିଲ୍ କାମ୍ କରୁଛେ । ବିଭାଗ୍‌ର ଇସବୁ କାମ୍ କାଜ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗଙ୍କର୍ ଦେଖ୍‌ରେଖ୍‌ଥି ଜାରି ରହିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବାକାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଶୁଭାଂଶୁ ଶୁକ୍ଲା ଏନ୍‌ଏସ୍‌ଡି

ଏକ୍ସିଅମ୍-ଫୋର୍ ମିଶନ୍‌ଥି ସାମିଲ୍ ହେଇଥିବା ଭାରତୀୟ ମହାକାଶ୍‌ଚାରୀ ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କର୍ ସହେତେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହେଇଛନ୍ । ଗଲା ବୁଧବାର୍ ଦିନ ଯୁକ୍ତରାଷ୍ଟ୍ର ଆମେରିକାର୍ ଫ୍ଲୋରିଡ଼ା ନ ଥିବାର୍ କେନେଡ଼ି ମହାକାଶ୍ କେନ୍ଦ୍ରନୁ ଇ ମିଶନ୍ ମୁଲ୍ ହେଇଛେ । ୧୯୮୪ ସାଲେ ସୋଭିଏତ୍ ମିଶନ୍‌ଥି ଭାରତ୍‌ର ଓ୍ୱିଙ୍ଗ୍ କମାଣ୍ଡର୍ ରାକେଶ୍ ଶର୍ମା ମହାକାଶ୍‌କେ ଯିବାର୍ ୪ ଦଶନ୍ଧି ଉତ୍‌ରୁ କେପ୍‌ଟେନ୍ ଶୁକ୍ଲା ୨ ନମ୍ବର୍ ଭାରତୀୟ ମହାକାଶ୍‌ଚାରୀ ଭାବେ ଏନ୍ତା ଗୁଟେ ମିଶନ୍‌ଥି ସାମିଲ୍ ହେଇଛନ୍ ।

ଏସ୍‌ଆଇଟି ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ଦୁର୍ନୀତି ରୁକ୍‌ବାର୍‌କେ ଭିନ୍ ଭିନ୍ ତଦନ୍ତ୍‌କାରୀ ସଂସ୍ଥା ସହେତେ ସମନ୍ୱୟ, ଦୁର୍ନୀତିଖୋର୍ ମାନ୍‌କର୍ ବିରୋଧ୍‌ଥି ଉପଯୁକ୍ତ ଦଣ୍ଡବିଧାନ୍ ଆଉ ରାଏଜେ ବଢୁଥିବା ନିଶା କାର୍‌ବାର୍‌କେ ରୁକ୍‌ବାର୍‌କେ ମିଲିତ ତଦନ୍ତ୍‌କାରୀ ଦଲ୍-ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ୍ ବରିଷ୍ଠ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ସର୍ବଭାରତୀୟ

ପ୍ରଶାସନିକ୍ ଅଧିକାରୀମାନେ ଦୁର୍ନୀତିଥି ଜଡ଼ିତ ରହେବାର୍‌ଟା ଗୁଟେ ଚିନ୍ତାର୍ ବିଷେ ଆଏ । ସର୍‌କାରୀ ସେବା ଯେନ୍ତା ଦୁର୍ନୀତିମୁକ୍ତ ହେଇପାର୍‌ବା ସେ ଦିଗେ ତଦନ୍ତ୍‌କାରୀ ସଂସ୍ଥାମାନେ ଖାସ୍ ଧ୍ୟାନ୍ ଦେବାର୍‌କେ ଜଷ୍ଟିସ୍ ପଶାୟତ୍ କହିଛନ୍ । କଟକ୍ ଠାନେ ଆଏଜ୍ ହେଇଥିବା ଏସ୍‌ଆଇଟି ବୈଠକ୍‌ଥି ପ୍ରବର୍ତନ୍ ନିର୍ଦ୍ଦେଶାଳୟ, ରାଜ୍ୟ ଦୁର୍ନୀତି ନିବାରଣ୍ ବିଭାଗ୍, କ୍ରାଇମ୍ ବ୍ରାଂଚ୍ ଆଇଜିଙ୍କର୍ ସହେତେ ଓଡ଼ିଶା, ଝାର୍‌ଖଣ୍ଡ ଆଉ ପଶ୍ଚିମବଙ୍ଗ୍‌ନୁ ୧୧ ଟା ତଦନ୍ତକାରୀ ସଂସ୍ଥାର୍ ବହୁତ୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୩୦ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଅଭିଯୋଗ୍ ଶୁଣାଣି ଶିବିର୍ ଠାନେ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଅଭିଯୋଗ୍ ଶୁଣାଣି ଲାଗି ଗଲାକାଏଲ୍ ଦିନର୍ ୧୨ ବଜେନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଇଥିର୍‌ଲାଗି ସବୁନୁ ଜହ ହଜାରେ ଲୋକ୍ ଅନ୍‌ଲାଇନ୍ ପଞ୍ଜିକରଣ୍ କରିପାର୍‌ବେ । ଇଚ୍ଛୁକ ଆବେଦନ୍‌କାରୀ ଜନଶୁଣାଣି ପୋର୍ଟାଲ୍

janasunani.odisha.gov.in ନାହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନ୍ୟୁ କୋଲ୍ ମାଇନ୍ସ        ଆର୍‌ଏନ୍‌ୟୁ/ କଟକ୍

କୋଲ୍ ଇଣ୍ଡିଆର୍ ସହାୟକ୍ କମ୍ପାନୀ- ମହାନଦୀ କୋଲ୍ ଫିଲ୍‌ଡ୍ ଲିମିଟେଡ୍ ତର୍‌ଫୁ ଓଡ଼ିଶା ନ ୩୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ୨ ଟା ନୂଆଁ କୁଇଲା ଖଣି କାର୍ଯ୍ୟକ୍ଷମ୍ ହେବା । ସୁଭଦ୍ରା ଖଣି ଆଉ ବଳଭଦ୍ର ଖଣି ନାଁଥି ଇ ଦୁହିଟା ଯାକ କୁଇଲା ଖଣି କାର୍ଯ୍ୟକ୍ଷମ୍ ହେବା ବଲି ଏମ୍‌ସିଏଲ୍ ଅଧ୍ୟକ୍ଷ ଆଉ ପରିଚାଳନା ନିର୍ଦ୍ଦେଶକ୍ ସୂଚ୍‌ନା ଦେଇଛନ୍ । ଅନୁଗୁଲ୍ ଜିଲ୍ଲାର୍ ତାଲ୍‌ଚେର୍ ଠାନେ ଇ ଦୁହି ଖଣି କାର୍ଯ୍ୟକ୍ଷମ୍ କରାଯିବା ।

ଚାଷ୍ ଜମିନ୍- ଜଲ୍‌ସେଚନ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଏବା ଖରିଫ୍ ଋତୁଥି ୩୭ ଲାଖ୍ ୬୭ ହଜାର୍ ହେକ୍ଟର୍ ଚାଷ୍ ଜମିନ୍‌କେ ପାଏନ୍ ମଡ଼ାବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ବୃହତ୍, ମଧ୍ୟମ୍ ଆଉ କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ,

ଉଠାଜଲ୍‌ସେଚନ୍ ପ୍ରକଳ୍ପ, ଗହୀର୍ ନଲ୍‌କୂଆଁ ଜରିଏ ଚାଷ୍ ଜମିନ୍ ମାନ୍‌କୁ ପାଏନ୍ ପୁହୁଁଚାବାର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଯୋଜ୍‌ନା ପ୍ରସ୍ତୁତ୍ ହେଇଛେ । ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଲାଗି ୩୦ ଝନ୍ ଜଲ୍ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଛେ । ଇମାନେ ଜିଲ୍ଲାସ୍ତର୍ ନ ସମୀକ୍ଷା କର୍‌ବେ ବଲି ଜନାପଡ଼ିଛେ । ଜଲ୍‌ପ୍ରଭାରୀମାନ୍‌କର୍ ଉପସ୍ଥିତିଥି ଜିଲ୍ଲାପାଲ୍ ସେଚ ସମୀକ୍ଷା ବୈଠକ୍‌ର ଆୟୋଜନ୍ କର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମ୍ବଲ୍‌ପୁର୍,ବର୍‌ଗଡ଼୍/ସମ୍ବଲପୁର/ବର୍‌ଗଡ଼୍ ସମ୍ବାଦଦାତା/ଏକ୍ସ

ସମ୍ବଲ୍‌ପୁର୍‌କେ ସବୁଜ ସହର୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ସହରର୍ ପୋତାପାଲି ଠାନେ 'ଏକ୍ ପେଡ୍ ମା କେ ନାମ୍ ଟୁ ପଏଂଟ୍ -ଓ' ଅଭିଯାନ୍‌ଥି ବନ ମହୋତ୍ସବ୍ ଆଉ ବିଶାଲ୍ ଗଛ୍ ଲଗା ଯାଇକରି ସହର୍ ନ ୧ ଲାଖ୍ ଗଛ୍ ଜଗାଯିବାର୍ ଲକ୍ଷ୍ୟକେ ପୁରା କର୍‌ବାର୍ ଦିଗେ ଜିଲ୍ଲା ପ୍ରଶାସନ୍ ଆଉ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ମୁଲ୍ ହେଇଥିବା ଚେରେଷ୍ଟାକେ ଶ୍ରୀ ପ୍ରଧାନ୍ ପ୍ରଶଂସା କରିଛନ୍ । ଇ ଅବ୍‌ସରେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଥିଲେ ।

ତାର୍ ଉତ୍‌ରୁ ବର୍‌ଗଡ଼୍ ଜିଲ୍ଲା ଯାଇକରି ଆର୍‌ଏମ୍‌ସି ପଡ଼ିଆଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ଅବ୍‌ସରେ ଗରିବ୍ କଲ୍ୟାଣ୍ ଆଉ ବିକାଶ୍ ସମାବେଶ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ପାଖାପାଖି ୨୨ କୋଟିନୁ ଅଏତ୍‌କା ଟଙ୍କାର୍ ୧୬ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ଇତାର୍‌ଛଡ଼ା ବର୍‌ଗଡ଼୍ ଠାନେ ଥିବା ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ୍ କେମ୍ପସ୍ ପରିଦର୍ଶନ୍ କର୍‌ବାର୍ ସହେତେ 'ଏକ୍ ପେଡ୍ ମା କେ ନାମ୍ ଟୁ ପଏଂଟ୍ -ଓ' ଅଭିଯାନ୍‌ଥି ଶ୍ରୀ ପ୍ରଧାନ୍ ଗଛ୍ ଜଗେଇଛନ୍ । ଇ ଅବ୍‌ସରେ ଅନୁଷ୍ଠାନ୍‌ର ଅଧ୍ୟାପକ ଆର୍ ଛାତ୍ରଛାତ୍ରୀମାନ୍‌କୁ ଭେଟ୍‌ବାର୍ ସହେତେ ହସ୍ତତନ୍ତ ଆଉ ବୟନଶିଳ୍ପ ଜ୍ଞାନ୍‌କୌଶଲ୍‌କେ ତହଁକାବାର୍ ଆଉ କାରିଗର୍‌ମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଇ ପ୍ରତିଷ୍ଠାନ୍‌ର ଅବଦାନ୍ ବାବ୍‌ଦେ ଆଲୋଚନା କରିଛନ୍ ।

ଛାତ୍ରଛାତ୍ରୀ- ଜୁତା,ମୁଜା ଆର୍‌ଏନ୍‌ୟୁ/ କଟକ୍

ଇ ଶିକ୍ଷା ବଛର୍‌ନୁ ରାଜ୍ୟର୍ ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟମାନ୍‌କେ ପଢୁଥିବା ଛାତ୍ରଛାତ୍ରୀ ଆଉ ଅନୁସୂଚିତ୍ ଜାତି, ଜନଜାତି ବିଭାଗ୍ ଅଧୀନ୍‌ଥି ଥିବା ସବୁ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ ଜୁତା,

ମୁଜା ଯୁଗେଇ ଦିଆଯିବା । ରାଜ୍ୟ ସର୍‌କାର୍‌ଙ୍କର୍ ନିଷ୍ପତି ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କୁ ସମଗ୍ର ଶିକ୍ଷା, ପିଏମ୍‌ଶ୍ରୀ ଆଉ ଗଙ୍ଗାଧର୍ ମେହେର୍ ଶିକ୍ଷା ମାନକ ବୃଦ୍ଧି ଯୋଜ୍‌ନାଥି ସାରେ ଜୁତା, ଦୁଇ ସାର୍ ମୁଜା, ଗୁଟେ ଟ୍ରେକ୍‌ଫେଂଟ୍ ଆଉ ଟି-ସାର୍ଟ, ଟୁପି ଆର୍ ପରିଚୟ ପତ୍ର ଦିଆଯିବା । ଆଏବା ମାସ ୧୫ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନ୍‌କୁ ଇସବୁ ଯୁଗେଇ ଦିଆଯିବା ବଲି ଓସେପା ତର୍‌ଫୁଁ ସୂଚ୍‌ନା ଦିଆଯାଇଛେ ।

ବୌଦ୍ଧ- ରଥଯାତ୍ରା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ନାଏକ୍‌ପଡ଼ା ଗୁମ୍ଫାର୍ ପାତାଳୀଶ୍ରୀକ୍ଷେତ୍ର ଠାନେ ତୃତୀୟ ତିଥି ନ ଶ୍ରୀଜଗନ୍ନାଥଙ୍କର୍ ବାସି ରଥଯାତ୍ରା ହେଇଯାଇଛେ । ଜିଲ୍ଲା ନ ରାଜାରାଜୁଡ଼ା ଅମଲ୍‌ନୁ କେତେଟା ଜାଗାନୁ ତୃତୀୟା ତିଥି ନ ଶ୍ରୀଜଗନ୍ନାଥଙ୍କର୍ ରଥଯାତ୍ରା କରାହେଉଛେ । ଯେନ୍‌ଟା ବାସି ରଥଯାତ୍ରା ଭାବେ ପ୍ରସିଦ୍ଧ ଲାଭ କରିଛେ । ଆଏଜ୍ ସଖାଲୁ ତିନ୍‌ହି ମାହାପୁରୁଙ୍କର୍ ନୀତିକାନ୍ତି ସର୍‌ବାର୍ ଉତ୍‌ରୁ ମଏଧାନେ ପହଣ୍ଡି ମୁଲ୍ ହେଇଥିଲା ଆଉ ବେଲ୍‌ବୁଡ଼ର୍ ୬ ବଜେ ରଥଘିଚା ଯାଇଥିଲା ।

ଅନ୍ତର୍ଜାତୀୟ ସମବାୟ ବର୍ଷ -ଉତ୍ସବ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଦର୍ଶ କୃଷି ବଜାର୍‌ଠାନେ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ର ଜିଲ୍ଲାସ୍ତରୀୟ ଉତ୍ସବ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜନସେବା କେନ୍ଦ୍ର, ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ବନିଥିବା ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର, ବଲାଙ୍ଗିର୍, ବର୍‌ଗଡ଼୍, ବୌଦ୍ଧ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ରାଜ୍ୟର୍ ୮ ଟା ଜିଲ୍ଲା ନ ଜବର୍, ୧୭ ଟା ଜିଲ୍ଲା ନ ସ୍ୱାଭାବିକ୍ ଆଉ ୫ ଟା ଜିଲ୍ଲା ନ ନିଅଂଟିଆ ବର୍ଷା ରେକର୍ଡ଼୍ କରାଯାଇଥିବାର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।